


# କାଳିକିଙ୍କର ପାଇଲେ 'ଅପରାହ୍ନ ଶ୍ରେଷ୍ଠ ଲେଖକ' ସମ୍ମାନ



**ବାଲେଶ୍ୱର, ୪।୩(ସମିସ):** ଭୁବନେଶ୍ୱରର ଗୀତ ଗୋବିନ୍ଦ ଭବନରେ ବିଶିଷ୍ଟ କବି ତଥା ଲେଖକ କାଳିକିଙ୍କରଙ୍କୁ 'ଅପରାହ୍ନ ଶ୍ରେଷ୍ଠ ଲେଖକ ସମ୍ମାନ-୨୦୨୪' ପ୍ରଦାନ କରାଯାଇଛି। ବାଲେଶ୍ୱରରରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର 'ଅପରାହ୍ନ'ର ୧୪ତମ ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହରେ କବି ରକ୍ଷକ ନାୟକ, କବି ପିନାକୀ ମିଶ୍ର, କବି ଡ. ପ୍ରତିଭା ମହାରଥୀ, କବି ପ୍ରଶାନ୍ତ ଦାସ, ଗାଳ୍ପିକା ରଶ୍ମୀ ରାଉଳ, ପ୍ରଫେସର ଶ୍ରୀକାନ୍ତ ଚରଣ ପାତ୍ର ପ୍ରମୁଖ ବହୁ କବି ଓ ଲେଖକଙ୍କ ବ୍ୟତୀତ ବିଶିଷ୍ଟ ସାମ୍ବାଦିକ କିଶୋର ଦ୍ୱିବେଦୀ, ବିଭୁତିଭୂଷଣ କର, ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ଅଭିନନ୍ଦନ ସମ୍ବାଦପତ୍ରର ସମ୍ପାଦକ ଜଗଦୀଶ ମିଶ୍ର, ବିଶିଷ୍ଟ ଶିକ୍ଷାବିତ ଘନ ଶ୍ୟାମ ବିଶ୍ୱାଳଙ୍କ ଉପସ୍ଥିତିରେ ଶ୍ରୀ କାଳିକିଙ୍କରଙ୍କୁ ଏହି ପ୍ରତିଷ୍ଠିତ ସାରସ୍ୱତ ସମ୍ମାନ -୨୦୨୪ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, କାଳିକିଙ୍କରଙ୍କ ୨୯ ଖଣ୍ଡ ମୌଳିକ ପୁସ୍ତକ ପ୍ରକାଶ ପାଇଛି। ତୁଳସୀ ଚଉରା, କଥା କଳ୍ପବଟ, ପ୍ରେମିକା ଓ ପ୍ରିୟତମା ଗଳ୍ପ ସଂକଳନ ସହ ଆକାଶର ଦେହ ଓ ମାଟିର ସରଗ ଉପନ୍ୟାସ ତାଙ୍କର ବହୁ ପ୍ରଶଂସିତ ସୃଷ୍ଟି। ସେମିତି ଶିଶୁ କିଶୋରଙ୍କ ପାଇଁ ସମୟର ଶିଶୁ, ସରଗ ସନ୍ଧାନେ ଶିଶୁ, କୁନି ମାଆଙ୍କ ପାଠ ଘର, ଶିଶୁଙ୍କ ପାଇଁ ସତ ସତିଆ ଗପ ଆଦି ଗଳ୍ପ ସଂକଳନ ବ୍ୟତୀତ ଶିଶୁଟିଏ ବୁଝେ ଭଲ ପାଇବାର ଭାଷା, ଜହ୍ନମାମୁଁ ଆମ ଘରକୁ ଆସ ଆଦି କବିତା ସଂକଳନ ପାଠକଙ୍କ ଗହଣରେ ଖୁବ ଚର୍ଚ୍ଚିତ। ପାଠ ବୁଝିଲେ ବାଟ ସୁଗମ ଓ ମିଛର ପରିସୀମା ଓ କ୍ଷେତ୍ରଫଳ ଦୁଇଟି ପ୍ରବନ୍ଧ ସଂକଳନ ତାଙ୍କୁ ସ୍ୱତନ୍ତ୍ର ସ୍ତମ୍ଭକାର ଭାବରେ ପ୍ରତିଷ୍ଠିତ କରିଛି। କ୍ରାନ୍ତି ଓ ପ୍ରୀତି, ଆକାଶକୁ ବଢେଇ ଦେ ଦୁଇହାତ, ଅନ୍ଧାରର ଆଖି, ଆଉଥରେ କ୍ରୁଶବିଦ୍ଧ ହେବା, ଜଟାୟୁ ଜୀବନ, ସରଗର ଶେଷ ସ୍ୱର ଆଦି ପ୍ରାୟ ପନ୍ଦର ଖଣ୍ଡ କବିତା ସଙ୍କଳନର ସେ ଯଶସ୍ୱୀ ସ୍ରଷ୍ଟା। ଶ୍ରୀ କାଳିକିଙ୍କର ଫକୀରମୋହନ ସାହିତ୍ୟ ପରିଷଦ ବାଲେଶ୍?ରର ଆଜୀବନ ସଦସ୍ୟ ତଥା କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ ସମେତ ରାଜ୍ୟ ଓ ରାଜ୍ୟ ବାହାରର ବହୁ ସାରସ୍ୱତ ଅନୁଷ୍ଠାନ ସହ ଜଡ଼ିତ ଅଛନ୍ତି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ଚନ୍ଦନେଶ୍ୱର, ୪।୩(ସମିସ):** କଠିନ ପରିଶ୍ରମ ସଫଳତାର ଚାବିକାଠି। ସଫଳତା ପାଇବା ପାଇଁ ସାଧନା ଦରକାର। ସାଧନା ବଳରେ ସୃଜନଶୀଳତାର ବିକାଶ ଓ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ସ୍ଫୁରଣ ହୋଇଥାଏ। ସୋମବାର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଚନ୍ଦନେଶ୍ୱରର ୩୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ବଶିଷ୍ଟ ଅତିଥି ମାନେ ଏହା ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ଧରଣୀଧର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ହୁଗୁଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଶଙ୍ଖାରୀ ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ ଦୀପକ କୁମାର ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ଚନ୍ଦନ କୁମାର ଗିରି, ହୁଗୁଳି ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସ, ବରଷ୍ଠ ସାମ୍ବାଦିକ ସୁବାସ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅନୁସୟା ଗିରି ବିଦ୍ୟାଳୟର ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସୁଚିତ୍ରା କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀ, ପଞ୍ଚମ ଓ ତୃତୀୟ ଶ୍ରେଣୀରେ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ପିଲା, ବକ୍ତୃତା, ପ୍ରବନ୍ଧ ଲିଖନ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ଶିକ୍ଷୟିତ୍ରୀ ସଞ୍ଜୁ ପାତ୍ର, ବିଷ୍ଣୁପ୍ରିୟା ବେହେରା, ଦେବସ୍ମିତା ପଣ୍ଡା, ପ୍ରିୟଦର୍ଶିନୀ ପ୍ରଧାନ, ଶାନ୍ତି ମୁର୍ମୁ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ଦାଦାବଟିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

# ଅଭିଯୁକ୍ତର ଗିରଫ ଦାବିରେ ରାସ୍ତାରୋକ



**ବଳରାମପୁର, ୪।୩(ସମିସ):** ଦାଦାବଟିକୁ କେନ୍ଦ୍ରକରି ଟ୍ରାକ୍ଟର ଚାଳକ ଏବଂ ହେଲ୍‌ପରକୁ ମାରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବାଲିଆପାଳ ଥାନା ଅନ୍ତର୍ଗତ ବାଲିଆପାଳ - କାଳିପଦା ମୁଖ୍ୟ ରାସ୍ତାର କାଳିପଦା ଛକରେ ଟାୟାର ଜାଳି ରାସ୍ତାରୋକ ହୋଇଥିଲା।

ସୋମବାର ଅପରାହ୍ନରେ ଚୌମୁଖ ଗ୍ରାମର ପ୍ରଦୀପ କରଙ୍କ ଟ୍ରାକ୍ଟର ନେଇ ତାଙ୍କ ଡ୍ରାଇଭର ଏବଂ ହେଲପର ଯାଉଥିବା ସମୟରେ କାଳିପଦା ଛକରେ ନଇଘାଟି ଗ୍ରାମର ୫ ଜଣ ଯୁବକ ଗାଡି ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ଯୁବକ ମାନେ ଡ୍ରାଇଭର ଏବଂ ହେଲ୍‌ପରଙ୍କୁ ନିସ୍ତୁକ ପିଟିଥିଲେ। ଖବର ପାଇ ପ୍ରଦୀପ କରଙ୍କ ମ୍ୟାନେଜର ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରୁଥିବା ବେଳେ ତାଙ୍କୁ ମଧ୍ଯ ସେମାନେ ନିସ୍ତୁକ ପିଟିବାପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ହସ୍‌ପିଟାଲ ରେ ଭର୍ତ୍ତି କରାଇଛନ୍ତି। ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ହଟିଥିଲା।

# ବିପଦସଂକୁଳ ଶ୍ରେଣୀଗୃହ, ମରାମତି ପାଇଁ ଦାବି ପତ୍ର



**ରାଇବଣିଆ, ୪।୩(ସମିସ):**

ସରକାର ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ପଢ଼ିବା ପାଇଁ କୋଟିକୋଟି ଟଙ୍କା ବିନିଯୋଗ କରି ଓଡ଼ିଶାର ସମସ୍ତ ବିଦ୍ୟାଳୟ ଗୁଡ଼ିକୁ ୫-ଟିରେ ରୂପାନ୍ତରିତ କରୁଛନ୍ତି। ଉନ୍ନତମାନର ଶିକ୍ଷାଦାନର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏଠାରେ ତାର ବିକଳ ଚିତ୍ର ଦେଖିବାକୁ ମିଳିଛି। ବିପଦସଂକୁଳ ଅବସ୍ଥାରେ ପଢ଼ୁଛନ୍ତି ଛାତ୍ର ଛାତ୍ରୀ। କେତେବେଳେ ଛାତରୁ ପାଣି ଗଳୁଚି ତ ପୁଣି କାନ୍ଥଫାଟି ମଧ ଆଁ କଲାଣି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତର ବାଣିଦା ଗ୍ରାମରେ ଥିବା ଶ୍ରୀଅରବିନ୍ଦ ସରକାରୀ ନୋଡାଲ ଉପ୍ରାବିଦ୍ୟାଳୟରେ ଅବସ୍ଥା ନ କହିଲେ ଭଲ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୦୦ ଛାତ୍ର ଛାତ୍ରୀ ପଢ଼ନ୍ତି। ଏଠାରେ ଆବଶ୍ୟକ ମୁତାବକ କୋଠରି ନ ଥିବା ସହିତ ପିଲାମାନେ ବିପଦସଙ୍କୁଳ କୋଠରୀରେ ପାଠ ପଢୁଛନ୍ତି ଏବଂ ବିଦ୍ୟାଳୟ ହତା ମଧ୍ୟରେ ଏକ ପୋଖରୀ ଥିବାରୁ ପିଲାଙ୍କ ପାଇଁ ବିପଦ ରହିଛି। ବିଦ୍ୟାଳୟରେ କିଛି ଶ୍ରେଣୀଗୃହରେ ବେଞ୍ଚ ଡେସ୍କ ନ ଥିବାରୁ ପିଲାମାନେ ତଳେ ବସି ପାଠ ପଢୁଛନ୍ତି। ବିଦ୍ୟାଳୟରେ ପାଚେରି ନ ଥିବାରୁ ଏହା ବିଦ୍ୟାଳୟ ବନ୍ଦ ଥିବା ସମୟରେ ଏହା ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ସାଜିଛି। ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଧାନଶିକ୍ଷକଙ୍କୁ ଅଭିଯୋଗ କରିଛନ୍ତି କିନ୍ତୁ ସୁଫଳ ମିଳୁନାହିଁ। ଫଳରେ ଆଜି ଗ୍ରାମବାସୀ ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବି ପତ୍ର ଦେଇଛନ୍ତି। ଏଥିରେ ପ୍ରଣବ ମହାନ୍ତି, ପ୍ରଦୀପ କୁମାର ବାରିକ, ସ୍ମୃତିରଞ୍ଜନ ଆଚାର୍ଯ୍ୟ, ଚନ୍ଦନ ମହାନ୍ତି, ଚନ୍ଦ୍ରକାନ୍ତ ବାରିକ, ରବୀନ୍ଦ୍ର ଗିରି, ସୁକାନ୍ତ ଦାସ, ଗଣେଶ ମହାନ୍ତି, ଉତ୍ତମ ଦାସ୍, ରାମକୃଷ୍ଣ ମହାନ୍ତି, ଭାରତୀ ମହାନ୍ତି, ଶ୍ରୀକାନ୍ତ ବାରିକ୍, ସଞ୍ଜୟ ମହାନ୍ତି ପ୍ରମୁଖ ଦାବିପତ୍ର ଦେଇଛନ୍ତି।

## ବିଭିନ୍ନ ଚୋରି ଘଟଣାର ପର୍ଦ୍ଦାଫାସ କଲା ଜଳେଶ୍ୱର ପୁଲିସ୍

# ୧୪ଟି ସୁନା ଓ ୧୨ଟି ରୁପା ଅଳଙ୍କାର ଜବତ, ୪ ଗିରଫ

**ଜଳେଶ୍ୱର ବ୍ଲକ, ୪।୩(ସମିସ):**



ଜଳେଶ୍ୱର ଥାନା ଅଞ୍ଚଳରୁ ବିଭିନ୍ନସ୍ଥାନରୁ ଚୋରି ହୋଇଥିବା ବିଭିନ୍ନ ଅଳଙ୍କାର, ଟଙ୍କା ଜବତ୍ କରିବା ସହିତ ୪ଜଣଙ୍କୁ ପୁଲିସ୍ ଗିରଫ କରିବାରେ ସକ୍ଷମ ହୋଇଛି। ଉପାନ୍ତ ଜଳେଶ୍ୱର ଅଞ୍ଚଳରେ ଗତ କିଛିମାସ ଧରି ସୁନା, ରୂପା ଅଳଙ୍କାର, ନଗଦ ଟଙ୍କା ଇତ୍ୟାଦି ଚୋରି ଓ ଚିନ୍‌ତାଇ ହୋଇଥିବା ଅଭିଯୋଗ କ୍ରମେ ପୁଲିସ୍ ଦୃର୍ବୃତ୍ତମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୧୪ଟି ସୁନା ଅଳଙ୍କାର, ୧୨ଟି ରୂପା ଅଳଙ୍କାର ଓ ୪୯୦୦ଟଙ୍କା ସହିତ ଏକ ଭିଭୋ ମୋବାଇଲ ଜବତ୍ କରିଛି। ଗତ କିଛିଦିନ ଧରି ପୁଲିସ୍ ଏପରି ଚଢ଼ଉ ଜାରି ରଖିଥିଲା। ଜବତ୍ କରିଥିବା ଅଳଙ୍କାର ମଧ୍ୟରେ ୪ଯୋଡ଼ା ସୁନା ବହୁଟି, ୨ଟି ହାର, ୫ଟି ପଲା, ୧ଟି ବ୍ରେସ୍‌ଲେଟ, ୧ଟି ମୋଦି ଓ ଅନ୍ୟ ଏକ ଲକେଟ ଉଦ୍ଧାର ହୋଇଛି। ଏହା ବ୍ୟତୀତ ୪ଟି ରୂପା ଡେମୁରିଆ, ୨ଟି ରୂପା ବଳା, ୨ଟି ବାହୁଟି, ୩ହଳ ପାଉଁଜି ମଧ୍ୟ ଜବତ୍ ହୋଇଛି। ପୁଲିସ୍ ଚଢ଼ଉ କରି ଜଳେଶ୍ୱର ଥାନା ଅନ୍ତର୍ଗତ ପଥରପୁରଯ ଗାଁରୁ ୨ଜଣ, ସିଂଲା ଥାନା ଅଞ୍ଚଳରୁ ୧ଜଣ ଓ ଅନ୍ୟ ଜଣେ ଅଗ୍ରୱାଲା ଛକ ନିକଟରୁ ଗିରଫ କରିବାରେ ସଫଳ ହୋଇଛି। ଲଖିଆଁ ସାହୁ, କୁନା ଦାସ ଓ ବାବୁ ମାନ୍ନାର ନାମ ପ୍ରକାଶ କରାଯାଇଥିବା ଅଧିକ ତଦନ୍ତ ଲାଗି ଅନ୍ୟଜଣେ ଅଭିଯୁକ୍ତର ନାମ ପ୍ରକାଶ କରାଯାଇନଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।



● ଖଇରା ଅବକାରୀ ଥାନା

## ନିଜସ୍ୱ ଗାଡ଼ି ନାହିଁ କି ମହିଳା କର୍ମଚାରୀ ନାହାନ୍ତି



**ଖଇରା, ୪।୩(ସମିସ):** ବାଲେଶ୍ୱର ଜିଲ୍ଲା ଖଇରାଠାରେ ଅବକାରୀ ଥାନ ଖୋଲିବାର ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଗଲାଣି। ହେଲେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ଏବେ ବେଆଇନ ମଦ ବା ମଦ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ୩ଜଣ କର୍ମଚାରୀଙ୍କ ପାଇଁ ମୁସ୍କିଲ ହୋଇପଡୁଛି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଖଇରା ସିମୁଳିଆ ଜନସାଧାରଣ ଦାବି କରିଛନ୍ତି। ପ୍ରଥମେ ଖଇରା ଥାନା କିଛି ବର୍ଷଧରି ସୋରରେ ଚାଲିବା ପରେ ବହୁବାର ଦାବିପରେ ୨ବର୍ଷ ତଳେ ଖଇରା ସ୍ଥାନାନ୍ତର ହୋଇଥିଲା। ହେଲେ ନିଜସ୍ୱ ଗାଡି ଯୋଗାଯାଇ ନ ଥିବାରୁ ଅପରାଧୀଙ୍କ ବିଷୟରେ ଫୋନରେ ସୂଚନା କ୍ରମେ ଠିକ ସମୟରେ ଅଭିଯୁକ୍ତଙ୍କୁ ଧରିବା ସମ୍ଭବ ହୋଇ ପାରୁନାହିଁ। ଏହି କାରଣରୁ ଅନେକ ସମୟରେ ଚୋରା ବିକ୍ରେତା ମାନେ ଖସି ପଳାଇଯିବାକୁ ସଫଳ ହେଉଛନ୍ତି। ଏଠାରେ ଥାନା ଅଧିକାରିଣୀ କଳ୍ପନା ଜେନାଙ୍କ ବଦଳି ପରେ ନୂଆକରି ଆସିଥିବା ଥାନା ଅଧିକାରୀ ସୁରଜ କୁମାର ଟିଗାଙ୍କ ସହିତ ମାତ୍ର ୨ଜଣ ପୁରୁଷ କର୍ମଚାରୀ ଅଛନ୍ତି। ମହିଳା କର୍ମଚାରୀ ନାହାଁନ୍ତି। ଯେଉଁଥିପାଇଁ ମହିଳା ଅଭିଯୁକ୍ତଙ୍କୁ ଚୋରା ମଦବ୍ୟବସାୟ କରିବା ପାଇଁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଖଇରା ଅବକାରୀ ଥାନା ଅଧୀନରେ ଖଇରା ସିମୁଳିଆ ୨ ବ୍ଲକ ଥିବାବେଳେ ଏତେ ବଡ ଏରିଆ ପାଇଁ ଜଣେ ଓଆଇସି, ଜଣେ ଏଏସଆଇ ଓ ଜଣେ କନଷ୍ଟେବଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଣୁ ମାତ୍ର ସ୍ୱଳ୍ପ କର୍ମଚାରୀଙ୍କ ପାଇଁ ଚୋରା ମଦ ନିୟନ୍ତ୍ରଣ ରେ ରଖିବା ପାଇଁ ଯଥେଷ୍ଟ କଷ୍ଟ କରିବାକୁ ପଡୁଛି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କୁ ଯୋଗାଯୋଗ କରିବାରେ ବର୍ତ୍ତମାନ ସମଗ୍ର ଜିଲ୍ଲାରେ ଗାଡି ଓ କର୍ମଚାରି ସମସ୍ୟା ରହିଛି ବୋଲି କହିଛନ୍ତି।

## ସ୍ୱାମୀ ପରିତ୍ୟକ୍ତାଙ୍କୁ ଭତ୍ତା ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ବାଲେଶ୍ୱର, ୪।୩(ସମିସ):** ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀ ମହିଳା ମାନଙ୍କ ଭତ୍ତା ପାଇବା ସମ୍ପର୍କରେ ସୋମବାର ବାଲେଶ୍ୱର ସଦର ବ୍ଲକର ହିଡିଗାଁ ପଞ୍ଚାୟତ ମୁଲଣାନଗର ଗ୍ରାମର ୧୪ ହିତାଧିକାରୀ ମହିଳା ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମୁଲଣାନଗର ଗ୍ରାମର ୧୪ଜଣ ହିତାଧିକାରୀ ମାନଙ୍କ ନାମରେ ୨୦୨୪ ଫେବୃଆରୀ ଠାରୁ ଭତ୍ତା ଅର୍ଥରାଶି ମଞ୍ଜୁର କରାଯାଇଛି। ତେବେ ଭତ୍ତା ବାରି ଦିନ ଭତ୍ତା ଟଙ୍କା ଆଣିବା ପାଇଁ ଏହି ହିତାଧିକାରୀ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆକ୍ରୋଶମୂଳକ ଭାବେ ସମ୍ପୃକ୍ତ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରି ନ ଥିଲେ। ଏବାବଦରେ ତଦନ୍ତ ପୂର୍ବକ ପଦକ୍ଷେପ ନେଇ ଏହି ହିତାଧିକାରୀ ମହିଳାମାନଙ୍କୁ ଭତ୍ତା ରାଶି ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ମିନତୀ ବେହେରା, ପ୍ରତିମା ବେହେରା ଓ ପ୍ରମିଳା ବେହେରା ଉପସ୍ଥିତ ଥିଲେ।










ଶୁକ୍ରବାର ମହାଶିବରାତ୍ରି

# ଭୋର୍ ୪ଟା ୧୫ରେ ଉଠିବ ମହାଦୀପ

● ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବପୀଠ ଟ୍ରଷ୍ଟ ବୋର୍ଡର ସମୀକ୍ଷା



**ଭୋଗରାଇ, ୪।୩(ସମିସ):** ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଓ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ଶୈବପୀଠରେ ମହାଶିବରାତ୍ରି ଉତ୍ସବର ସୁପରିଚାଳନା ନିମନ୍ତେ ଉଭୟ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭୋଗରାଇ ପଞ୍ଚାୟତ ସମିତି ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଏବଂ ଉଭୟ ଟ୍ରଷ୍ଟ ବୋର୍ଡ଼ ସଭାପତି ଅନନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ତହସିଲଦାର ହିମାଂଶୁ ଶେଖର ଗିରି, ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଚନ୍ଦନେଶ୍ୱର ମନ୍ଦିର ମୌରସି ତପନ ପଣ୍ଡା ଓ ମୁଖ୍ୟ ପୂଜକ ବୁଦ୍ଧଦେବ ପଣ୍ଡା, ଭୂଷଣ୍ଡେଶ୍ୱର ମନ୍ଦିର ନିର୍ମାଣ ମୁଖ୍ୟ ପଙ୍କଜା ପଣ୍ଡା, ଟ୍ରଷ୍ଟ ବୋର୍ଡ ସଦସ୍ୟ ସୁଶାନ୍ତ ପଟ୍ଟନାୟକ, ଭବେନ୍ଦ୍ର ସାହୁ, ଉଭୟ ମନ୍ଦିର ସୁପରଭାଇଜର ବରେନ୍ଦ୍ର ପ୍ରହରାଜ ଓ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ସେବାୟତ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଭୋର ୪ଟା ୧୫ ରେ ମହାଦୀପ ଉଠିବ ବୋଲି ସିଦ୍ଧାନ୍ତ ନିଆଯାଇଛି। ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବପୀଠରେ ମହାଶିବରାତ୍ରି ଉତ୍ସବ ଉପଲକ୍ଷେ ଗୁରୁବାର ଭୋର ୪ ଟାରୁ ମନ୍ଦିର ଦ୍ୱାର ଫିଟାଯାଇ ଶ୍ରୀଜିଉଙ୍କ ଦେବସ୍ନାନ ନୀତି, ୪ ଟା ୧୫ ରେ ଗର୍ଭଗୃହ ମାର୍ଜନା ଓ ଅବକାଶ ନୀତି, ୪ ଟା ୪୫ ରେ ଦ୍ୱାରପାଳ ପୂଜା, ଶୁକ୍ରବାର ପ୍ରାତଃ ୫ ଟାରେ ମଙ୍ଗଳ ଆଳତୀ, ୫ ଟା ୩୦ ରେ ଶ୍ରୀଜିଉଙ୍କ ସେବା ପୂଜା ଆରମ୍ଭ ଓ ୭ ଟାରେ ସାହାଣ ମେଲା ଦର୍ଶନ ହେବ। ସେହିପରି ୧୨ ଟା ୩୦ ରେ ଗର୍ଭଗୃହ ମାର୍ଜନା, ୧ ଟା ରେ ମଧ୍ୟାହ୍ନ ଧୂପ ଓ ଆଳତୀ, ୧ଟା ୩୦ ରେ ସାହାଣ ମେଲା ଦର୍ଶନ ଅନୁଷ୍ଠିତ ହେବ। ସନ୍ଧ୍ୟା ୬ ଟା ୩୦ରେ ଗର୍ଭଗୃହ ମାର୍ଜନା, ୭ ଟାରେ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ଓ ଅବକାଶ ନୀତି ସମ୍ପନ୍ନ ହେବ। ସନ୍ଧ୍ୟା ୭ ଟା ୩୦ ରେ ଗର୍ଭଗୃହ ମାର୍ଜନା, ରାତି ୮ ଟାରେ କ୍ଷୀରରେ ମହାରୁଦ୍ରାଭିଷେକ, ୧୦ ଟାରେ ଦଧିରେ ମହାରୁଦ୍ରାଭିଷେକ, ୧୨ ଟାରେ ମଧୁରେ ମହାରୁଦ୍ରାଭିଷେକ, ୨ ଟାରେ ଘୃତରେ ମହାରୁଦ୍ରାଭିଷେକ ଅନୁଷ୍ଠିତ ହେବ। ପରେ ମହା ଆଳତୀ ଓ ମହା ହୋମ ସମ୍ପନ୍ନ ହେବା ସହିତ ଭୋର ୪ଟା ୧୫ ରେ ମହାଦୀପ ଉଠିବ ବୋଲି ସେବାୟତ ସଂଘ ପକ୍ଷରୁ ଏହି ବୈଠକରେ ସୂଚନା ଦିଆଯାଇଛି। ଭକ୍ତ ସମାଗମ ଓ ଶୃଙ୍ଖଳିତ ଧାଡିରେ ଦର୍ଶନ ପାଇଁ ମନ୍ଦିର ଭିତର ଓ ବାହାରେ ପୁଲିସ ପ୍ରଶାସନ ଦ୍ୱାରା ଅସ୍ଥାୟୀ ବ୍ୟାରିକେଡ୍ ଲଗାଯିବ। ମନ୍ଦିର ବେଢ଼ା ପରିଷ୍କାର ରଖିବା ଲାଗି ଯଥେଷ୍ଟ ସଂଖ୍ୟାରେ ସଫେଇ କର୍ମଚାରୀ ନିୟୋଜିତ ହେବେ। ମନ୍ଦିର ସମ୍ମୁଖ ସିଂହଦ୍ୱାରରେ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ବ୍ୟବସ୍ଥା ସହ ଆମ୍ବୁଲାନ୍ସ ମହଜୁଦ ରହିବ। ସେହିପରି ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପୁଲିସ ଫୋର୍ସ ମୁତୟନ ହେବେ। ୨୪ ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ। ଏହାସହିତ ଜାଗର ଦୀପ ଜାଳିବା ସମୟରେ କୌଣସି ଅପ୍ରୀତୀକର ପରିସ୍ଥିତିକୁ ଏଡାଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ଟାଙ୍କି ସହିତ ଦମକଳ ଓ ଆବଶ୍ୟକ ସଂଖ୍ୟକ କର୍ମଚାରୀ ମୁତୟନ ରଖାଯିବ। ଏନେଇ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ସମ୍ପୃକ୍ତ ବିଭାଗ ମାନଙ୍କୁ ଚିଠି ଲେଖାଯାଇଛି।

## ସହାୟକ ସଂଗଠନ ପକ୍ଷରୁ ସହାୟତା ପ୍ରଦାନ




**ବାଲେଶ୍ୱର, ୪।୩(ସମିସ):** ବାଲେଶ୍ୱରର ଏକ ସଂଗଠନ 'ସହାୟକ'ର ମାସିକିଆ ବୈଠକ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ଗୃହରେ ଡ କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ସହାୟକ' ଦୀର୍ଘ ୧୭ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ଚାରା ରୋପଣ, ରକ୍ତଦାନ ଶିବିର, ପାନୀୟ ଜଳ ଦାନ, ଗରିବ ପୁଅ ଝିଅଙ୍କ ବିଭାଘର, ଦରିଦ୍ର ନାରାୟଣ ସେବା, ଦିବ୍ୟାଙ୍ଗ ବିଦ୍ୟାଳୟର ଅନ୍ତେବାସୀଙ୍କୁ ସାହାଯ୍ୟ ପ୍ରଭୃତି କାର୍ଯ୍ୟ କରିଆସୁଅଛି। ଚଳିତମାସ ମାସିକ ବୈଠକ ଅବସରରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୫ଜଣ ଛାତ୍ରଛାତ୍ରୀଙ୍କୁ ସଂଗଠନ ପକ୍ଷରୁ ସ୍ୱର୍ଗତଃ ଅନିରୁଦ୍ଧ ବେହେରା ସ୍ମାରକୀ ବୃତି ପ୍ରଦାନ କରାଯାଇଥିଲା। ସ୍ୱର୍ଗତଃ ଅନିରୁଦ୍ଧ ବେହେରା 'ସହାୟକ'ର ପୃଷ୍ଠପୋଷକ ସଭ୍ୟ ଥାଇ ଦେହାନ୍ତ ଘଟିଛି। ତାଙ୍କ ପୁଅ ମାନସ ବେହେରା ବିଦେଶରେ ଥାଇ 'ସହାୟକ'ର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ବିଶେଷ ଅନୁପ୍ରାଣିତ ହୋଇ ଏହି ବୃତି ପ୍ରଦାନ କରିଛନ୍ତି। ପ୍ରତ୍ୟେକ ପିଲାଙ୍କୁ ଚାରିହଜାର ଟଙ୍କା ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ସେହିପରି ଟିଣା ଗ୍ରାମର ଜଣେ ସ୍ୱାମୀ ପରିତ୍ୟକ୍ତା ଅସହାୟା ମହିଳା ତଥା ଦିନମଜୁରିଆ ଭାବେ କାମ କରୁଥିବା ଉମାମଣୀ ବାରିକଙ୍କ ଚିକିତ୍ସା ପାଇଁ ସହାୟକର ସଦସ୍ୟ ସଦସ୍ୟାମାନେ ତାଙ୍କ ପିତାଙ୍କ ମାଧ୍ୟମରେ ଦୁଇ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହା ସହିତ ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ଜୁନ୍ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଭଳି ପାନୀୟଜଳ ବିତରଣ ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ କରାଯିବାର ନିଷ୍ପତ୍ତିଗ୍ରହଣ କରାଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ଇଂ ଡ ହୃଷିକେଶ ସାହୁ ବିବରଣୀ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଇଂ ସୁରେନ୍ଦ୍ର ପ୍ରସାଦ ନାୟକ ଅର୍ଥ ବିବରଣୀ ପ୍ରଦାନ କରିଥିଲେ। ସଭାପତି ଇଂ. ସୁରେନ୍ଦ୍ରନାଥ ଦାସ ପ୍ରାରମ୍ଭିକ ଭାଷଣ ଦେଇଥିବା। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ଇଂ. ବନମାଳୀ ନାୟକ, ସାବିତ୍ରୀ ଦାସ, ପ୍ରଣିତା ମିଶ୍ର, ବସନ୍ତ କୁମାର ନାୟକ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ରବୀନ୍ଦ୍ର ପ୍ରହରାଜ, ଦିବାକର ମହାପାତ୍ର, ଗୁଣାକର ଦେ, ଶଶାଙ୍କ ଶେଖର ଦତ୍ତ, ଡ ତାରାକାନ୍ତ ନନ୍ଦ, ନିରଞ୍ଜନ ପରିଡ଼ା, ରବି ନାରାୟଣ ଭୋଳ, ଇଂ. ଶଶାଙ୍କ ଶେଖର ଦେ, ରବି ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରସାଦ ଧଳ, ଗଙ୍ଗାଧର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଇମାମୀ ପେପର ମିଲ୍‌ସରେ ଜାତୀୟ ସୁରକ୍ଷା ଦିବସ ପାଳିତ

**ବାଲେଶ୍ୱର, ୪।୩(ସମିସ):** ରେମୁଣା ବାଳଗୋପାଳପୁର ଇମାମି ପେପେର ମିଲସ୍ କାରଖାନା ପରିସରରେ ୫୩ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଛି। କାରଖାନାର ଉପସଭାପତି ଚନ୍ଦରେଷ ଗୁପ୍ତା ଆୟୋଜିତ ସଭାରେ ସୁରକ୍ଷା ପତାକା ଉତ୍ତୋଳନ କରିବା ସହ ସୁରକ୍ଷା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ଦାସ ଦୁର୍ଘଟଣା ଦେଶରେ ଉତ୍ପାଦନ ହ୍ରାସ କରିବା ସହିତ ଦେଶରେ ଅର୍ଥନୀତିକୁ ଦୁର୍ବଳ କରିବା ଏବଂ ଶ୍ରମିକମାନେ କିପରି ସୁରକ୍ଷାର ସହିତ କାର୍ଯ୍ୟ କରିବେ ତଥା ମୋବାଇଲ ଫୋନ ବ୍ୟବହାର କିପରି କାରଖାନାରେ ଦୁର୍ଘଟଣା ଘଟାଇଥାଏ ତାହାର ଦୃଷ୍ଟାନ୍ତ ଦେଇ ସମସ୍ତଙ୍କୁ ଅବଗତ କରିଥିଲେ। ଏହି ଅବସରରେ କାରଖାନାର ବରିଷ୍ଠ ଅଧିକାରୀ ଏସ୍ ଶ୍ରୀଜିତ ଇଂରାଜୀରେ, ରମେଶ ଚନ୍ଦ୍ର ଖୁଣ୍ଟିଆ ଓଡ଼ିଆରେ ଏବଂ ଆମର ପାଲ ସିଂ ହିନ୍ଦୀରେ ଉପସ୍ଥିତ ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ସୁରକ୍ଷା ସମ୍ପର୍କରେ ଶପଥପାଠ କରାଇଥିଲେ। ସାଧାରଣ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲଙ୍କ ଧନ୍ୟବାଦ ଦେବା ସହିତ କର୍ମ କ୍ଷେତ୍ରରେ ସଦା ସର୍ବଦା ସୁରକ୍ଷା କ୍ଷେତ୍ରରେ ବ୍ୟାପକ ନେତୃତ୍ୱ ନେବା ସହ ସମସ୍ତଙ୍କ ସୁରକ୍ଷିତ ନିମନ୍ତେ ସଚେତନତାର ବାର୍ତା ଦେଇଥିଲେ। ଅତିରିକ୍ତ ପରିଚାଳକ ତଥା ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପତି ମଞ୍ଚ ପରିଚାଳନା କରିବା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ବିଭିନ୍ନ କିସମର ପୁରସ୍କାର ପ୍ରଦାନ କରାଯାଇଥିଲା। ପେପର ମିଲସର ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମସ୍ତ ପଦାଧିକାରୀ ଉପସ୍ଥିତ ଥିବାବେଳେ ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ଇଂ ରାଜେଶ କୁମାର ମିତଲ୍ ଓ ଇମାମି ଚିଫ୍ ମେଡିକାଲ ଅଫିସର ଡ଼ା. ଓମକାର ମହାପାତ୍ର ଉପସ୍ଥିତ ଥିଲେ। ସୁରକ୍ଷା ଅଧିକାରୀ ଅନାମ ଚରଣ ସ୍ୱାଇଁ ଓ ଦିପ୍ତୀଶ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କୁ ସାକ୍ଷାତ କଲା ବିଜେପି ଜିଲ୍ଲା ପ୍ରତିନିଧି ଦଳ

**ବାଲେଶ୍ୱର, ୪।୩(ସମିସ):** ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବିଜେପି ଜିଲ୍ଲା ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପ୍ରତିନିଧି ଦଳ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ଜିଲ୍ଲାର ବହୁବିଧ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାର ପ୍ରଗତି ପାଇଁ ମିଳିମଶି କାମ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ପ୍ରତିନିଧି ଦଳରେ ରେମୁଣାର ପୁର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲ୍ଲା ଉପସଭାପତି କମଳଲୋଚନ ଦାସ, ଜିଲ୍ଲା ସମ୍ପାଦକ ଆଶିଷ ଘୋଷ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ଓ ସୁଶାନ୍ତ ବେରା ଉପସ୍ଥିତ ଥିଲେ।




## ଦୁଇ ମହିଳାଙ୍କୁ ଧରି ପୁଲିସର ଜିମାଦେଲେ ଲୋକେ

**ସୋର, ୪।୩(ସମିସ):** ଚଳନ୍ତା ଟ୍ରେନ୍‌ରୁ ଜଣେ ମହିଳାଙ୍କ ନିକଟରୁ ଚୋରି କରୁଥିବା ବେଳେ ସୋର ରେଳଷ୍ଟେସନରେ ପଶ୍ଚିମବଙ୍ଗ ଅଞ୍ଚଳର ଦୁଇଜଣ ମହିଳାଙ୍କୁ କାବୁ କରି ସ୍ଥାନୀୟ ଲୋକେ ସୋର ପୁଲିସକୁ ହସ୍ତାନ୍ତର କରିଛନ୍ତି। ସୋର ଥାନା ସାଲମପୁର ଗ୍ରାମର ଜୟନ୍ତୀ ବେହେରା ତାଙ୍କ ପରିବାର ସହ ଭୁବନେଶ୍ୱରରୁ ସୋର ଅଭିମୁଖେ ଜନଶତାବ୍ଦୀ ଟ୍ରେନ୍‌ରେ ଆସୁଥିଲେ। ସୋର ଷ୍ଟେସନର ଅନତି ଦୂରରେ ସେ ଷ୍ଟେସନରେ ଓହ୍ଲାଇବାକୁ ଟ୍ରେନ୍‌ରେ ଠିଆ ହୋଇଥିବା ବେଳେ ଜଣେ ମହିଳା ତାଙ୍କ ଭ୍ୟାନିଟ ବ୍ୟାଗରୁ ଟଙ୍କା ଚୋରି କରିଥିଲେ। ଏହା ଜାଣିପାରି ଜୟନ୍ତୀ ତାଙ୍କୁ ଖୋଜିବାରୁ ମହିଳା ଜଣଙ୍କ ଶୌଚଳୟକୁ ପଶି ଯାଇଥିଲେ। ସୋର ଷ୍ଟେସନରେ ଟ୍ରେନ ରହିବା ପରେ ଜୟନ୍ତୀ ସ୍ଥାନୀୟ ଲୋକଙ୍କୁ ଏହି ଘଟଣା ଜଣାଇଥିଲେ। ଫଳରେ ସ୍ଥାନୀୟ ଲୋକେ ମହିଳା ଦ୍ୱୟଙ୍କୁ କାବୁକରି ତାଙ୍କ ନିକଟରୁ ଚୋରି ହୋଇଥିବା ୬୦୦୦ ଟଙ୍କା ଜବତ କରିବା ସହିତ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳା ଦୁଇଜଣଙ୍କୁ ଥାନାକୁ ଆଣି ଅଟକ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ୍ ଡିଭିଜନରେ ଲାଇନମ୍ୟାନ ଦିବସ ପାଳିତ

**ଜଳେଶ୍ୱର ବ୍ଲକ, ୪।୩(ସମିସ):** ଜାତୀୟ ନିରାପତ୍ତା ଦିବସରେ ଜଳେଶ୍ୱର ବିଦ୍ୟୁତ୍ କର୍ମଚାରୀଙ୍କ ପକ୍ଷରୁ ଲାଇନମ୍ୟାନ ଦିବସ ସୋମବାର ପୂର୍ବାହ୍ନରେ ପାଳିତ ହୋଇ ଯାଇଛି। ଚନ୍ଦନାସ୍ଥିତ କଲ୍ୟାଣ ମଣ୍ଡପରେ ଏକ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏସଡିଓ ଭୁବନ କୁମାର ସାହୁଙ୍କ ପରିଚାଳନାରେ ମୁଖ୍ୟ ଅତିଥି ବାଲେଶ୍ୱର ଟିପିଏନଡିଏଲର କର୍ପୋରେଟ ପ୍ରଜେକ୍ଟ ଅଫିସର ପ୍ରଦୀପ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସର୍କଲ ପ୍ରୋଜେକ୍ଟ ହେଡ୍ ପଙ୍କଜ କୁମାର ଯୋଗଦେଇ ସୁରକ୍ଷା ପତକା ଉତ୍ତୋଳନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭୋଗରାଇ ଏସ୍‌ଡିଓ କାନ୍ତି ଭୂଷଣ ଜେନା ଓ ସମସ୍ତ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଜଳେଶ୍ୱର ୧ ନମ୍ବର ସେକଶନ ଓ ନାମ୍ପୋ ସେକଶନ ପକ୍ଷରୁ କ୍ଷୁଦ୍ର ନାଟକ ମାଧ୍ୟମରେ ସଚେତନତା କରା ଯିବା ସହ ଜଳେଶ୍ୱର ସେକ୍‌ସନର ଲାଇନମ୍ୟାନ ରାଜ ଗୋପାଲ ଓଝା ଓ କମର୍ଦ୍ଧା ଲାଇନମ୍ୟାନ ଗଗନ ଘଡ଼ାଇ ସୁରକ୍ଷା ନିରାପତ୍ତା ବାବଦରେ ବକ୍ତବ୍ୟ ରଖିଥିଲେ।



### ସଦର ବ୍ଲକରେ ମିଳିତ ଜନଶୁଣାଣି

# ୮୪ଟି ଅଭିଯୋଗ ଶୁଣିଲେ ପ୍ରଶାସନିକ ଅଧିକାରୀ

ବାଲେଶ୍ୱର, ୪।୩(ସମିସ):




ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଜି ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଆଶିଷ ଠାକରେ, ଏସ୍‌ପି ସାଗରିକା ନାଥ, ପିଡି ଡିଆରଡିଏ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିକରେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ଦୁଲାଲସେନ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ସଦର ବ୍ଲକ ବିଡିଓ ସମରଜିତ କର ଏହି ଶିବିରକୁ ପରିଚାଳନା କରିଥିଲେ। ଏହି ଅଭିଯୋଗରେ ବିଭିନ୍ନ ସ୍ଥାନରୁ ଲୋକେ ଆସି ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ବିଶେଷ କରି ଏହି ଶିବିରରେ ମୋଟ ୮୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମସ୍ତ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଆଦି ରହିଥିଲା। ଏହି ଅଭିଯୋଗ ମଧ୍ୟରୁ ୭୮ଟି ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୬ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡିକୁ ବିଭିନ୍ନ ବିଭାଗକୁ ପଠାଯାଇଛି। ଏହି ଅବସରରେ ବହୁ ଦୂରଦୂରାନ୍ତରୁ ଲୋକେ ଆସି ଅଭିଯୋଗ କରିଛନ୍ତି।

### ● ଘର ଖଣ୍ଡିଏ ପାଇଁ ଅଭିଯୋଗ



ରଣସାହି ଅଞ୍ଚଳର ବୁଧି ମଳିକ ଦୀର୍ଘଦିନ ହେବ ଏକ ଭଙ୍ଗା ଘରେ ପଲିଥିନ ଟାଣି ରହୁଛନ୍ତି। ବାତ୍ୟା ସମୟରେ ତାଙ୍କ ଘରଟି ଭାଙ୍ଗି ଯାଇଥିଲା। ହେଲେ ତାଙ୍କ ନିକଟରେ ଅର୍ଥର ଅଭାବ ହେତୁ ସେ ଘର ଖଣ୍ଡିଏ କରିପାରି ନାହାନ୍ତି। ବାଧ୍ୟ ହୋଇ ସେ ଭଙ୍ଗା ଘରେ ପଲିଥିନ ଟାଣି ରହୁଛନ୍ତି। ତାଙ୍କୁ ଘର ଖଣ୍ଡିଏ ଯୋଗାଇଦେବା ପାଇଁ ସେ ଆଜି ମିଳିତ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସେ ଜଣେ ଗରିବ ଲୋକ। ତାଙ୍କ ସ୍ୱାମୀ ବାବାଜୀ ମଳିକ ଦୀର୍ଘ ୨୫ବର୍ଷ ହେବ ପାରାଲିସିସ ରୋଗରେ ଆକ୍ରାନ୍ତ। ଏପରିକି ତାଙ୍କ ଘରେ କେହି ଜଣେ ରୋଜଗାରକ୍ଷମ ବ୍ୟକ୍ତି ନାହାନ୍ତି। ଫଳରେ ସେ କ୍ଷୀର ବିକ୍ରି କରି ଚଳୁଛନ୍ତି। ହେଲେ ତାଙ୍କର ଘର ବାତ୍ୟାରେ ଭାଙ୍ଗିଯାଇଥିଲା। ସେ ସମୟରେ କେବଳ ପଲିଥିନ ଖଣ୍ଡେ ଯୋଗାଇ ଦିଆଯାଇଥିଲା। ତାଙ୍କର ଭଡ଼ା ଖଣ୍ଡିଏ ନ ଥିବା ବେଳେ କେବଳ ରାସନ ଚାଉଳ ହିଁ ଭରସା। ଏହାବ୍ୟତୀତ ତାଙ୍କ ସ୍ୱାମୀଙ୍କ ଚିକିତ୍ସା ପାଇଁ ଥରେ ଡାକ୍ତରଙ୍କ ନିକଟକୁ ଗଲେ ପାଖାପାଖି ଦୁଇ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏପରି ଅବସ୍ଥାରେ ତାଙ୍କ ଘର ଖଣ୍ଡିଏ ଯୋଗାଇବା ସହ ଅନ୍ୟ ସରକାରୀ ସହାୟତା ଯୋଗାଇବା ପାଇଁ ନିବେଦନ କରିଛନ୍ତି।

### ● ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ଦାବି



ରଣସାହି ଅଞ୍ଚଳର ଶତ୍ରୁଘ୍ନ ଜେନା(୬୩) ଜଣେ ମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ଏପରିକି ସେ ୪ବର୍ଷ ତଳେ କାର୍ଯ୍ୟ କରୁଥିବା ସମୟରେ ସେ ଭାରାରୁ ଖସି ପଡ଼ିଥିଲେ। ସେହି ଦିନ ଠାରୁ ତାଙ୍କର ଦେହ ଖରାପ ରହୁଛି। ଏପରିକି ତାଙ୍କ ହାତ ଏବଂ ଗୋଡ ଭାଙ୍ଗିଯାଇଥିଲା। ହେଲେ ସେ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥର ଅଭାବ ରହିଛି। ଏଣୁ ତାଙ୍କର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଲୋଡିଛନ୍ତି।

### ● ଭୂମିହୀନଙ୍କୁ ଜମି ଚିହ୍ନଟ ପାଇଁ ନିବେଦନ

ସଦର ବ୍ଲକ ଚାନ୍ଦିପୁର ଆର ଆଇ ଅର୍ନ୍ତଗତ ଗୁଡୁ ପଞ୍ଚାୟତର ଭୂମୀହିନ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିବା ଜମି ପଟ୍ଟା ଅନୁସାରେ ଜମି ଚିହ୍ନଟ ପାଇଁ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ୨୦୧୬ ମସିହା ମାର୍ଚ୍ଚମାସ ୨ତାରିଖରେ ସେମାନଙ୍କୁ ଗୁଡୁ ମୌଜାରେ ସରକାରଙ୍କ ପକ୍ଷରୁ ୪ଡେସିମିଲ ଲେଖାଏଁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଉକ୍ତ ଜମି ଚିହ୍ନଟ କରାଯାଇ ନାହିଁ। ଏନେଇ ମଧ୍ୟ ସେମାନେ ବାରମ୍ବାର ସ୍ଥାନୀୟ ଆରଆଇଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେମାନଙ୍କର ଜମି ଚିହ୍ନଟ ହୋଇପାରୁ ନଥିବାବେଳେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଞ୍ଜୁର ହୋଇଥିଲେ ସୁଦ୍ଧା ସେମାନେ ଘର ନିର୍ମାଣ କରିପାରୁ ନାହାନ୍ତି। ଏଣୁ ସେମାନଙ୍କୁ ଜମି ଚିହ୍ନଟ କରାଇବା ପାଇଁ ଏଠାରେ ଅଭିଯୋଗ କରିଛନ୍ତି।



### ● ଏରିୟର ଟଙ୍କା ପାଇବା ପାଇଁ ଅଭିଯୋଗ



ସୋର ଅଞ୍ଚଳର ଶିକ୍ଷକ ମହେଶ୍ୱର ମହାଳିକ ଦୀର୍ଘ ୨୦ବର୍ଷ ପୂର୍ବରୁ ଚାକିରିରୁ ଅବସରଗ୍ରହଣ କରିସାରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେ ତାଙ୍କ ଏରିୟର ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ସେ ଆଜି ସଦର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିବା ମିଳିତ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସୋର ଖଣ୍ଡାସାହି ଅଞ୍ଚଳର ଲୋକ। ଏବଂ ସେ ଜଣେ ଶିକ୍ଷକ ଥିଲେ। ଏପରିକି ଦୀର୍ଘ ୨୦ବର୍ଷ ପୂର୍ବରୁ ସେ ଅବସର ଗ୍ରହଣ କରିସାରିଛନ୍ତି। ସେ ଗୁଡୁ ବଳଭଦ୍ର ପ୍ରାଥମିକ ବିଦ୍ୟାଳୟରୁ ଅବସରଗ୍ରହଣ କରିଥିଲେ। ଏବେ ସେ ପାରାଲିସସ ରୋଗରେ ପୀଡିତ ଅଛନ୍ତି। ସେ ଚାଲିପାରୁ ନଥିବାବେଳେ ହୁଇଲଚେୟାର ତାଙ୍କର ଏକମାତ୍ର ଭରସା। ଅବସରଗ୍ରହଣ କରିବା ପର ଠାରୁ ତାଙ୍କର ଏରିୟର ଟଙ୍କା ଆଜି ପର୍ଯ୍ୟନ୍ତ ପାଇ ପାରି ନାହାନ୍ତି। ଏପରିକି ସେ ଡିଆଇ କାର୍ଯ୍ୟାଳୟରେ ଏନେଇ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କର ଅବସରଟଙ୍କା ଯେତିକି କରିମାଣରେ ପାଇବା କଥା ସେ ସେତିକି ପାଇ ପାରୁ ନାହାନ୍ତି। ଏପରିକି ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଥିବା ବେଳେ ଔଷଧ କିଣିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି। ଏଣୁ ସେ ତାଙ୍କର ଏରିୟର ଟଙ୍କା ଶିଘ୍ର ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି।

## ନଳଗଜା ଗ୍ରାମରେ ଉଦାସ ଶୂନ୍ୟଗାଦି ପ୍ରତିଷ୍ଠା

ବାଲେଶ୍ୱର / ରାସଗୋବିନ୍ଦପୁର, ୪।୩ (ସମିସ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ନଳଗଜା ଗ୍ରାମର ବାବାଜୀ ବାଡି ଠାରେ ଉଦାସ ଶୂନ୍ୟଗାଦି ପ୍ରତିଷ୍ଠା ହୋଇଯାଇଛି। ଏହି ଅବସରରେ ସେଠାରେ ଏକ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାସହ ଶୂନ୍ୟବାସୀଙ୍କର ଷୋଡ଼ଶ ଉପଚାର ପୂଜା ସାଙ୍ଗକୁ ଗୁରୁପୂଜା, ସୂର୍ଯ୍ୟପୂଜା, ଗୋ ପୂଜା, ଘୃତାହୁତି ପ୍ରଦାନ ଓ ଅଖଣ୍ଡ ନାମ ସଂକୀର୍ତନ ଅନୁଷ୍ଠିତ ହୋଇଥିଲା। ସୋଲର ଛତିଆ ସ୍ଥିତ ଉଦାସ ଆଶ୍ରମର ପୀଠାଧୀଶ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ତତ୍ୱାବଧାନରେ ଏହି ନୂତନ ଶୂନ୍ୟଗାଦି ପ୍ରତିଷ୍ଠା କରାଯିବା ସହିତ ଯଜ୍ଞର ସମସ୍ତ କାର୍ଯ୍ୟ ସମ୍ପାଦାନ କରାଯାଇଥିଲା। ଏହି ଯଜ୍ଞରେ ବହୁ ମାନ୍ୟଗଣ୍ୟ ନିମନ୍ତ୍ରିତ ଅତିଥି ଆସିଥିଲେ। ନଳଗଜା ଗ୍ରାମର ସରପଞ୍ଚ ପୁନିଙ୍ଗି ହାସଁଦା, ସମିତି ସଭ୍ୟ କିଶୋର କୁମାର ବେହେରା, ୱାର୍ଡ ମେମ୍ବର ଜୟନ୍ତୀ ହେମ୍ବ୍ରମ, ବବିତା ପାଲ, ରୁଦ୍ରାଣୀ ପାଲ, ସୁକାନ୍ତି ମୁର୍ମୁ, ଘାସିରାମ ବେହେରା, ସମାଜସେବୀ କିଶୁନ ବେସ୍ରା, ସନ୍ତୋଷ କୁମାର ଗିରି, ଜୟାଚ୍ୟାଉ ପଟ୍ଟନାୟକ, ଅନୀଲ ଆଚାର୍ଯ୍ୟ, ସମାଜସେବୀ ପ୍ରତାପ କୁମାର ସାହୁ, ଅମୂଲ୍ୟ କୁମାର ଜେନାଙ୍କ ସମେତ ନଳଗଜା ୟୁପି ସ୍କୁଲ ଏବଂ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ମହାଯଜ୍ଞରେ ଜୟକୃଷ୍ଣ ପଣ୍ଡା ଏବଂ ତାଙ୍କ ପତ୍ନୀ ରତ୍ନାବତୀ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ନଳଗଜା ଗ୍ରାମର



ମହିୟଷୀ ମହିଳା ମଞ୍ଜୁମଞ୍ଜରୀ ପଟ୍ଟନାୟକ, ଆଚାର୍ଯ୍ୟ ଖଗେଶ୍ୱର ରଥ, ନୀଳମଣି ପଣ୍ଡାଙ୍କ ସମେତ ଉଦାସ ପନ୍ଥୀ ଭକ୍ତ ଶଶୀଭୂଷଣ ନାୟକ, ପଦ୍ମକାନ୍ତ ମହାନ୍ତି, ଶିବପ୍ରସାଦ ମହାନ୍ତି, ରବୀନ ଖଣ୍ଡାୟତ ରାୟ, ପ୍ରଦୀପ କୁମାର ସାହୁ, କଳିଙ୍ଗ କୁମାର ସାହୁ, ହେମନ୍ତ କୁମାର ମଲ୍ଲିକ, ରମନ୍ଦ୍ରେ ମହାନ୍ତି, ସୁକାନ୍ତ କୁମାର ନାୟକ, ଆର୍ତ୍ତତ୍ରାଣ ସେଠୀ, ସ୍ୱାଗତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ସେବକ ଦିବ୍ୟ ରଞ୍ଜନ ଦାସ ପରିଚାଳନା କରିଥିଲେ।

### ଜରାଜୀର୍ଣ୍ଣ ଅବସ୍ଥାରେ ମିତ୍ରପୁର ଡାକ୍ତରଖାନା

# ବିପଦସଙ୍କୁଳ ସମସ୍ତ ଗୃହ, ୭ ପଞ୍ଚାୟତବାସୀ ନିର୍ଭରଶୀଳ

ବାଲେଶ୍ୱର, ୪।୩(ସମିସ): 'ଉକ୍ତ ଅଞ୍ଚଳର ୭ଟି ପଞ୍ଚାୟତକୁ ଲକ୍ଷ୍ୟକରି ୨୦୦୪ ମସିହାରେ କିଛି ଦାତବ୍ୟ ବ୍ୟକ୍ତିଙ୍କ ଆର୍ଥିକ ଦାନରେ ଏହି ହସ୍‌ପିଟାଲଟି ଆମେ ତିଆରି କରିଥିଲୁ। ସେତେବେଳର ସିଡିଏମଓ ଏହାକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ଆମେ ଏହି ଡାକ୍ତରଖାନା ଚଳାଇଆସିଛୁ। ମାତ୍ର ବର୍ତ୍ତମାନ ହସ୍ପିଟାଲର ଅବସ୍ଥା ଜରାଜୀର୍ଣ୍ଣ। ଆର୍ଥିକ ପରିସ୍ଥିତି ବହୁତ ଖରାପ। ଆସ୍ତେ ଆସ୍ତେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ବନ୍ଦ ହେବାକୁ ବସୁଛି। ଏହି ଡାକ୍ତରଖାନାରେ ଥିବା କର୍ମଚାରୀମାନେ ଦରମା ବି ପାଇପାରୁନାହାଁନ୍ତି। ରୋଗୀ ଟିକେ ଔଷଧ ପାଇ ପାରୁନାହାଁନ୍ତି। ଏଠୁ ବହୁ ଦୂର ଅନ୍ୟ ଡାକ୍ତରଖାନା ଯଥା ନୀଳଗିରି, ରେମୁଣା ଓ ବାଲେଶ୍ୱର। ତେଣୁ ଅଞ୍ଚଳ ପାଇଁ ଏହି ହସ୍ପିଟାଲଟି ଅତ୍ୟନ୍ତ ଜରୁରୀ। ସରକାର ଏହି ହସ୍ପିଟାଲକୁ ନିଜ ହାତକୁ ନିଅନ୍ତୁ ବା ଏହା ଉପରେ ଦୃଷ୍ଟି ଦିଅନ୍ତୁ ବୋଲି ପରିଚାଳନା ପରିଷଦର ସଦସ୍ୟ ନିରଞ୍ଜନ ଲେଙ୍କା ନିବେଦନ କରି କହିଛନ୍ତି। ଡା. କମଳାକାନ୍ତ ପଣ୍ଡା କହିଛନ୍ତି, ଏହି ମେଡିକାଲଟି ଦୀର୍ଘ ୨୦ ବର୍ଷ ଲୋକଙ୍କ ଦାନରେ ଚାଲିଛି। ମଝିରେ ମଝିରେ ସିଡିଏମଓ ଡାକ୍ତର ଓ ମେଡିସିନ ପଠାଉଛନ୍ତି। କିନ୍ତୁ ଏ ଅଞ୍ଚଳର ଲୋକ ଶ୍ରମଜୀବୀ ହୋଇଥିବା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଫଳରେ ଆମକୁ ନୀଳଗିରି ବା ରେମୁଣା ସହିତ ଯୋଗାଯୋଗ କରିବାକୁ ପଡୁଛି। ସ୍ଥାନୀୟ ଅଞ୍ଚଳର ଏହି ହସ୍ପିଟାଲଟି ଯଦି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ପଥାନ୍ତା ବା ସରକାରୀ ଡାକ୍ତର ଓ କର୍ମଚାରୀ ରହନ୍ତେ ତାହେଲେ ଏ ଅଞ୍ଚଳର ଲୋକ ଉପକୃତ ହେବା ସହିତ ଆମକୁ ଦୂରଦୂରାନ୍ତକୁ ଯିବାକୁ ପଡ଼ନ୍ତା ନାହିଁ।



୨୦୦୪ ମସିହା ଏପ୍ରିଲ ୧ ତାରିଖରେ 'ମିତ୍ରପୁର ସ୍ୱାସ୍ଥ୍ୟ ସେବା ସଂସ୍ଥା' ନାମରେ ଏକ ଦାତବ୍ୟ ଚିକିତ୍ସା ସଂସ୍ଥା ସ୍ଥାନୀୟ କେତେକ ଉଦ୍‌ଯୋଗୀଙ୍କ ଆର୍ଥିକ ସହାୟତା ଦ୍ୱାରା ତିଆରି କରାଯାଇଥିଲା। ଯାହା ନୀଳଗିରି ବ୍ଲକ କୁଅଁରପୁର ଲାଖରାଜ ପଞ୍ଚାୟତ ଅଧୀନ ମିତ୍ରପୁରରେ ଅବସ୍ଥିତ। ଏହା ଏକ ପଞ୍ଜିକୃତ ସ୍ୱାସ୍ଥ୍ୟ ସେବା ସଂସ୍ଥା। ତେବେ ୨୦ ବର୍ଷ ପରେ ହସ୍ପିଟାଲଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏବେ ଏହାକୁ ବଞ୍ଚେଇ ରଖିବା ସମ୍ଭବପର ହେଉନାହିଁ। ଏବେ ଡାକ୍ତରଖାନା ଭାଙ୍ଗିରୁଜି ଗଲାଣି। ଛାତରୁ ପ୍ଲାଷ୍ଟର ଖସିଗଲାଣି। କହିବାକୁ ଗଲେ ବିପଦ ସଙ୍କୁଳ ଅବସ୍ଥାରେ ଚାଲିଛି ରୋଗୀସେବା। ଅନ୍ୟପଟେ ରୋଗୀଙ୍କ ତୁଳନାରେ ନାହାନ୍ତି ଡାକ୍ତର କି ନର୍ସ। ସପ୍ତାହରେ ଥରେ ଜଣେ ଡାକ୍ତର ଆସି ରୋଗୀ ଦେଖୁଛନ୍ତି। ଅନ୍ୟ ଦିନରେ ଫାର୍ମାସିଷ୍ଟ ରୋଗୀ ଦେଖନ୍ତି। ଡାକ୍ତରଖାନାର ଡାକ୍ତର ଓ ନର୍ସ ରହିବା ପାଇଁ ବାସଗୃହ ମଧ୍ୟ ତିଆରି କରାଯାଇଥିଲା। ଯାହା ଏବେ ନଷ୍ଟ ହୋଇଗଲାଣି। ଏହି ଡାକ୍ତରଖାନା ଉପରେ ମିତ୍ରପୁରର ମହିଷାପଟା, ମଛୁଆ, ବେଗୁନିଆ, କୁଅଁରପୁର ଲାଖରାଜ ପଞ୍ଚାୟତ ଓ ରେମୁଣା ବ୍ଲକ ଅଧୀନ ନୁଆପାଢ଼ୀ ଓ ମୁଖୁରା ପଞ୍ଚାୟତବାସୀ ଦୈନିକ ହାରାହାରି ୬୦ ରୁ ୭୦ ରୋଗୀ ଏଠାରେ ଚିକିତ୍ସିତ ହେଉଛନ୍ତି। ତେବେ ଏହି ଡାକ୍ତରଖାନାକୁ ସରକାରୀକରଣ କରିବା ପାଇଁ ବାଲେଶ୍ୱର ଜିଲ୍ଲା ପରିଷଦ ସରକାରଙ୍କୁ ସୁପାରିଶ କରିଥିଲେ। ଜିଲ୍ଲାପାଳ, ଉପଜିଲ୍ଲାପାଳ, ସିଡିଏମଓ ବାରମ୍ବାର ସରକାରଙ୍କୁ ସୁପାରିଶ କଲେ ମଧ୍ୟ ଆଜିପର୍ଯ୍ୟନ୍ତ ସରକାରୀକରଣ ହୋଇପାରି ନାହିଁ। ପ୍ରକାଶ ଥାଉକି, ୨୦୨୨ ମସିହା ଫେବ୍ରୁଆରୀ ୨୫ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଏକ ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆଡିସନାଲ ଚିଫ୍ ସେକ୍ରେଟାରୀଙ୍କୁ ମିତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାରୀକରଣ କରିବା ପାଇଁ ସୁପାରିଶ କରାଯାଇଥିଲା। ଏହାର ଏକକିତା ନକଲ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଧ୍ୟ ପ୍ରେରଣ କରାଯାଇଥିଲା। ତେବେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯଥାଶୀଘ୍ର ସରକାରୀକରଣ କରିବା ପାଇଁ ଓଡ଼ିଶା ସରକାର ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ମାଧ୍ୟମରେ ସୁପାରିଶ କରିବାକୁ ମିତ୍ରପୁରବାସୀ ତଥା ମିତ୍ରପୁର ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ପରିଚାଳନା କମିଟି ନିବେଦନ କରିଛନ୍ତି।

# ଜୋର୍ ଧରିଲା ବାଲେଶ୍ୱରକୁ ମହାନଗର ନିଗମ ଘୋଷଣା ଦାବି

### ବାଇକ୍ ଶୋଭାଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କଲା 'ଭଏସ୍ ଅଫ୍ ବାଲେଶ୍ୱର'






ବାଲେଶ୍ୱର, ୪।୩(ସମିସ):

ବାଲେଶ୍ୱରକୁ ମହାନଗର ନିଗମର ମାନ୍ୟତା ମିଳିବାରେ ବିଳମ୍ବ ଓ ଆଦ୍ୟାବଧି ଘୋଷଣା ନ ହେବା ପ୍ରତିବାଦରେ ଏକ ବାଇକ୍ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନ ସଭାପତି ଅରିଜିତ ଘୋଷାଲଙ୍କ ଆହ୍ୱାନକ୍ରମେ ସଂଗଠନର ନବ ନିଯୁକ୍ତ ଯୁବ ଶାଖା ନଗର ସଭାପତି ଶୁଭମ ସାଇ ମହାପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସ୍ଥାନୀୟ ପୁଲିସ ଲାଇନ ଛକ ନିକଟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ବହୁପୂର୍ବରୁ ମହାନଗର ନିଗମର ଦାବି ହୋଇଆସୁଥିଲେ ମଧ୍ୟ ଆଦ୍ୟାବଧି ଘୋଷଣା ନ ହେବା ବିଡମ୍ବନା ଓ ଦୁର୍ଭାଗ୍ୟର ବିଷୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ନିକଟରେ ରାଜ୍ୟ ସରକାର ୩୪ଟି ନୂତନ ଏନ୍‌ଏସି ଓ ୫ଟି ନୂତନ ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି। ବାଲେଶ୍ୱର ମ୍ୟୁନିସିପାଲିଟିର ସୀମା ୫୦ ବର୍ଷ ଧରି ଅପରିବର୍ତ୍ତିତ ରହିଛି। ମାତ୍ର ସହରରସୀମା ବହୁ ଅଞ୍ଚଳକୁ ବ୍ୟାପୀ ଯାଇଛି। କଲେଜ, ୟୁନିଭର୍ସିଟି ତଥା ଶିକ୍ଷାଞ୍ଚଳ ଅଞ୍ଚଳ ସବୁ ସହରାଞ୍ଚଳର ସଂଜ୍ଞା ଭିତରେ ଥିଲେ ବି ବାଲେଶ୍ୱର ସହର ସରକାରୀସ୍ତରରେ କାୟାବିସ୍ତାର କରିପାରିନି। ଯାହାଫଳରେ ଏବେବି ବାଲେଶ୍ୱର ଏକ ପୌରାଞ୍ଚଳ ଭାବେ ପରିଗଣିତ। ସହର ତଥା ସହର ଲଗ୍ନ ଅଞ୍ଚଳ ଗୁଡ଼ିକରେ ପ୍ରବଳ ଜନସଂଖ୍ୟା ବୃଦ୍ଧି ସତ୍ତ୍ୱେ ବାଲେଶ୍ୱର ସହର ବାଲେଶ୍ୱର ମହାନଗର ନିଗମ ଭାବେ ପରିଗଣିତ ହୋଇନାହିଁ। ରାଜ୍ୟ ସରକାର ଏ ଦିଗରେ ସକରାତ୍ମକ ମନୋଭାବ ପୋଷଣ କରିବାର ଆବଶ୍ୟକ ରହିଛି। 'ଭଏସ୍ ଅଫ୍ ବାଲେଶ୍ୱର' ଦୀର୍ଘଦିନ ଧରି ମହାନଗର ନିଗମ ଘୋଷଣା ଦାବି କରିଆସୁଥିବା ବେଳେ ଆଜି ପୁନର୍ବାର ଏହାକୁ ଦୋହରାଇଛି। ଶୁଭମ ସାଇଙ୍କ ନେତୃତ୍ୱରେ ହୋଇଥିବା ଆଜିର ଏହି କାର୍ଯ୍ୟକ୍ରମରେ ସଭାପତି ଅରିଜିତ ଘୋଷାଲ, ସୁଶାନ୍ତ ସାହୁ, ସୁଶୀଲ ଜେନା, ଅଜୟ ବେହେରା, ଅଭିଜିତ ବିଶ୍ୱାଳ, ମହେଶ ସେଠୀ, ରିମା ଯୋସେଫ, ଜଗନ୍ନାଥ ବେହେରା, ବିଶ୍ୱଜିତ ଦାସ, ଦୁଷ୍ମନ୍ତ ପଣ୍ଡା, ସୁଶାନ୍ତ ବେଜ, ମୁନା ମୁଦୁଲି, ଶିବ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଯୁବ ନେତା ଶୁଭମ ସାଇ ମହାପାତ୍ର ସଂଗଠନର ଯୁବ ଶାଖାର ନଗର ସଭାପତି ଭାବେ ନିଯୁକ୍ତି ପାଇଁ ଥିବା ସୂଚନା ପ୍ରଦାନ କରାଯାଇଛି।

### ସରିଲା ମାଟ୍ରିକ୍ ପରୀକ୍ଷା

## ଜିଲ୍ଲାରେ ପରୀକ୍ଷା ଦେଲେ ୩୦ହଜାର ୬୨ ଛାତ୍ରଛାତ୍ରୀ

**୮୯୩ଜଣ ଅନୁପସ୍ଥିତ, ଏମ୍‌ପିରେ ବୁକ୍‌ହେଲେ ୧୦**

ବାଲେଶ୍ୱର, ୪।୩(ସମିସ): ଗତ ମାସ ୨୦ତାରିଖ ଠାରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ଚଳିତ ମାସ ୪ତାରିଖରେ ଏହି ପରୀକ୍ଷା ଶେଷ ହୋଇଛି। ଏହି ପରୀକ୍ଷାରେ ମୋଟ ୩୦୯୫୫ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ସେଥିରୁ ମୋଟ ୩୦ହଜାର ୬୨ଜଣ ପରୀକ୍ଷା ଦେଇଛନ୍ତି। ବିଶେଷ କରି ୮୯୩ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସେହିପରି ମଧ୍ୟମା ପରୀକ୍ଷାରେ ଏକ ହଜାର ୫ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ବେଳେ ମୋଟ ୭୯୨ଜଣ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ୨୧୩ଜଣ ଅନୁପସ୍ଥିତ ରହିଛନ୍ତି। ଏହାଛଡ଼ା ଏସଓଏସସିରେ ୩୫୯ଜଣ ଛାତ୍ରଛାତ୍ରୀ ରହିଥିବାବେଳେ ୨୯୧ଜଣ ପରୀକ୍ଷା ଦେଇଛନ୍ତି। ଏବଂ ୬୮ଜଣ ଅନୁପସ୍ଥିତ ରହିଛନ୍ତି। ଏହି ପରୀକ୍ଷାରେ ମୋଟ ୧୦ଜଣ ଛାତ୍ରଛାତ୍ରୀ କପି କରୁଥିବା ବେଳେ ଧରାପଡ଼ି ଏମ୍‌ପିରେ ବୁକ ହୋଇଛନ୍ତି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭାମଞ୍ଜରୀ ଦାସ ସୂଚନା ଦେଇଛନ୍ତି। ଅନ୍ୟପଟେ ଗଠନ ହୋଇଥିବା ଏହି ପରୀକ୍ଷାକୁ ସ୍ୱଚ୍ଛକରିବା ପାଇଁ ଶ୍ରେଣିଗୃହରେ ସିସିଟିଭି ସାଙ୍ଗକୁ ୪ଟି ସ୍କ୍ୱାର୍ଡ ମଧ୍ୟ ଗଠନ କରାଯାଇଥିଲା। ଚଳିତ ବର୍ଷ ଜିଲ୍ଲାରେ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ମୋଟ୧୮୬ଟି ପରୀକ୍ଷା ସେଣ୍ଟର କରାଯାଇଥିଲା। ଏହାବ୍ୟତୀତ୧୨ଟି ନୋଡାଲ ସେଣ୍ଟର ମଧ୍ୟ କରାଯାଇଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ବାଲେଶ୍ୱର, ୪।୩(ସମିସ): ସଦର ବ୍ଲକ ଅଧୀନସ୍ଥ ଭୀମପୁର ଗ୍ରାମର ଧର୍ମପରାୟଣା ମହିଳା ରମାମଣି ନାୟକଙ୍କ ୯୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଜଣେ ପରୋପକାରୀ ଏବଂ ସ୍ନେହୀ ମହିଳା ଭାବେ ସେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କ ପୁତ୍ର ଶିକ୍ଷାବିତ ତଥା ସମାଜସେବୀ ବିବର୍ତ୍ତନ ନାୟକ, ପୁତୁରା ପ୍ରାଧାପକ ଲକ୍ଷ୍ମୀକାନ୍ତ ନାୟକ, ନାତି ଡଃ. ମନୋଜ କୁମାର ଆଚାର୍ଯ୍ୟ(ସହକାରୀ ପ୍ରଫେସର), ସହଯୋଗୀ ପ୍ରଫେସର ଡ. ଉମେଶ ନାୟକ, ଇଂ ଜିତେନ୍ଦ୍ର ନାୟକ, ସୁରେଶ ନାୟକ, ଶିକ୍ଷାବିତ ମନୋରଞ୍ଜନ ଦାଶ, ଏବିଇଓ ଗୌରାଙ୍ଗ ପାଣିଗ୍ରାହୀ, ଅସୀତ ଦାସ ଓ ଶରତ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଗ୍ରାମବାସୀ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

### ସାର୍ବଜନୀନ ସନ୍ତୋଷୀ ମାତା ପୂଜାଉତ୍ସବ ସମାରୋହ

# ଆଧ୍ୟାତ୍ମିକତା ମାନବ ସମାଜକୁ ଶୃଙ୍ଖଳିତ କରେ

ଭୋଗରାଇ, ୪।୩(ସମିସ):




ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ସନ୍ତୋଷୀ ମା' ନିଉ ମାର୍କେଟ, ନୂଆହାଟ ଠାରେ ସନ୍ତୋଷୀ ମାତା ମନ୍ଦିର କମିଟି ପକ୍ଷରୁ ୭ ଦିନ ବ୍ୟାପୀ ଆୟୋଜିତ ୪୩ତମ ସାର୍ବଜନୀନ ସନ୍ତୋଷୀ ମାତା ପୂଜାଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ସକାଳେ ଶାନ୍ତିକଳସ ସ୍ଥାପନ ସହିତ ଷୋଡ଼ଷ ଉପଚାରରେ ମା'ଙ୍କର ପୂଜାର୍ଚ୍ଚନା ହୋଇଥିଲାବେଳେ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଭୋଗରାଇ ବ୍ଲକ ସମେତ ପଡ଼ୋଶୀ ପଶ୍ଚିମବଙ୍ଗ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ଏହି ପୂଜୋତ୍ସବ ମେଳା ସମାରୋହ ଅନୁଷ୍ଠିତ ହେବ। ରବିବାର ତୃତୀୟ ସନ୍ଧ୍ୟା ସଭାରେ ପ୍ରଧାନଶିକ୍ଷକ ଅଜୟ କୁମାର ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କ ଅଧିକାରୀ ଅସିତ କୁମାର ଚାନ୍ଦ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ, ସମ୍ମାନିତ ଅତିଥି ଭାବେ ଅନଳିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଚିତ୍ରାନନ୍ଦ ପାଳ, ଆଇନଜୀବୀ ବିଚିତ୍ରାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସନ୍ତୋଷୀ ମାତା ପୂଜା କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତଭାଷଣ ଦେଇଥିଲାବେଳେ ସମ୍ପାଦକ ଅଶୋକ କୁମାର ଗିରି ବିବରଣୀ ପାଠ କରିଥିଲେ। ହାଇସ୍କୁଲ ଶିକ୍ଷକ ତଥା ପୂଜା କମିଟିର ବରିଷ୍ଠ ସଦସ୍ୟ ରାଜକିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୂଜା କମିଟିର ସଭାପତି ସୁବାସ ଜେନା, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଳ, କାର୍ତ୍ତିକ ପ୍ରଧାନ, କ୍ଷୁଦିରାମ ମହାନ୍ତି, ମନ୍ମଥ ତୋଳା, ବାପି ମହାନ୍ତି, ରବୀନ୍ଦ୍ର ଗିରି ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ନୂଆହାଟ ବଜାର କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିପିଆଇଏମ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ

ନୀଳଗିରି, ୪।୩(ସମିସ): ସିପିଆଇ(ଏମ୍) ଆଞ୍ଚଳିକ କମିଟିର ଏକ ଗୁରୁତପୂର୍ଣ୍ଣ ବୈଠକ ଯୋଗାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ସମ୍ପାଦକ ଶିଶିରି ହୁଇ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ସିତାଂଶୁ ସେନାପତି, ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ରଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଦଳ ନିର୍ବାଚନ ଲଢ଼ିବ। ସେଥିପାଇଁ ରଣକୌଶଳ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୧୨ ତାରିଖରେ ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ନୀଳଗିରି ଠାରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟଜିତ ଦାସ, ମୃତ୍ୟୁଞ୍ଜୟ ନାୟକ, ରାମଚନ୍ଦ୍ର ସିଂ, ଉଗ୍ରସେନ ଦାସ, ହେମେନ୍ଦ୍ର ସେଠୀ, ନାରାୟଣ ଧମୁଡ଼ିଆ, ଗଙ୍ଗାଧର ମହାନ୍ତି, ନୁନୁ ଦାସ, ଗଙ୍ଗାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଇଡ଼ିଦା ପଞ୍ଚାୟତରେ ବିଜେଡିର ମହାମିଶ୍ରଣ ପର୍ବ



ଲଙ୍ଗଳେଶ୍ୱର, ୪।୩(ସମିସ): ଇଡ଼ିଦା ପଞ୍ଚାୟତ ଅଧୀନସ୍ଥ ଉଛଡ଼ିହା ଗ୍ରାମରେ ଆଜି ବିଜେଡିର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ସ୍ୱଚ୍ଛ ଶାସନ ଓ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ, ଅନ୍ୟ ଦଳର ବହୁ ସକ୍ରିୟ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଯଦୁନାଥ ଆଦେକ, ଶଶାଙ୍କ ଗୋଛାୟତ, ତରଣୀ ସେକ ଆଦେକ, ଧିରେନ ଗୋଛାୟତ, ଗୁନାଧର ଆଦେକ, ପୂର୍ଣ୍ଣଚନ୍ଦ୍ର ଆଦେକ, ନିତ୍ୟାନନ୍ଦ ସାନ୍ତରା, ସୁଜିତ୍ ରାଉତ, ସୁନିଲ ମହାନ୍ତି, ପ୍ରହ୍ଲାଦ ସାମନ୍ତ, ସୁଧାଂଶୁ ଗୋଛାୟତ, ହରିଶ୍ଚନ୍ଦ୍ର ସାମନ୍ତ, ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ଶତାଧିକ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ୍ ହୋଇଥିଲେ। ପୂର୍ବତନ ସରପଞ୍ଚ ତଥା ବିଜେଡି ନେତା ଦେବୀ ପ୍ରସାଦ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହାମିଶ୍ରଣ ପର୍ବରେ ମୁଖ୍ୟଅତିଥି ସୁବାସିନୀ ଜେନା ଯୋଗଦେଇ ବିଜୁ ଜନତା ଦଳରେ ଯୋଗ ଦେଇଥିବା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ। ଏହି ମହାମିଶ୍ରଣ ପର୍ବରେ ଜିଲ୍ଲା ଉପ ସଭାପତି ସୁବ୍ରତ ପଣ୍ଡା, ବ୍ଲକ ସଭାପତି ଅନୀଲ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଲକ୍ଷ୍ମୀଧର ଦାସ, ପୂର୍ବତନ ଜିଲ୍ଲାପରିଷଦ ପ୍ରଦୀପ ବିଶ୍ୱାଳ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ପଞ୍ଚାୟତ ସଭାପତି ସଞ୍ଜୟ ପ୍ରଧାନ, ବ୍ଲକ ଜୀବନବିନ୍ଦୁ ସଂଯୋଜକ ରଞ୍ଜନ କୁମାର ଧଳ, ଯୁବ ସଭାପତି ଦେବାଶିଷ ସେଠୀ, ଜଳଧର ସେଠୀ, ବାପି ଦେ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଚୌକି, ୪।୩(ସମିସ): ଭୋଗରାଇ ବ୍ଲକ ବାଉଁଶଡିହା ପଞ୍ଚାୟତ ନଇଡୁବା ଗ୍ରାମର ବାଣେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ଚକ୍ରବର୍ତ୍ତୀ ( ସାହୁ )ଙ୍କର ଆଜି ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ସାବିତ୍ରୀ ଦେବୀ ବାଲ୍ୟକାଳରୁ ବହୁତ ଆର୍ଥିକ ଅନାଟନ ଭିତରେ ଗତିକରି ନିଜର ପରିଚୟ ସୃଷ୍ଟି କରିଥିଲେ। ଜନସାଧାରଣଙ୍କ ସେବାପାଇଁ ଶିକ୍ଷା ସହିତ ହୋମିଓପ୍ୟାଥିକ ଚିକିତ୍ସିକ ଭାବେ ମଧ୍ୟ ସୁନାମ ଅର୍ଜ୍ଜନ କରିଥିଲେ। ପ୍ରଥମେ ବସ୍ତା ବ୍ଲକରେ ଥିବା ଏକଡାଳିଆ ପ୍ରାଥମିକ ବିଦ୍ୟାଳୟରୁ ସେ ଶିକ୍ଷାଦାନ ଆରମ୍ଭ କରି ବାଲିଆପାଳ ତାଳଧାନନ୍ଦା ବିଦ୍ୟାଳୟ ପରେ ଭୋଗରାଇ ଆରୁହାବୃତ୍ତି ୨ ପ୍ରାଥମିକ ବିଦ୍ୟାଳୟ, କର୍ମଦା ସାହେବ ନଗର ବିଦ୍ୟାଳୟ, ଶିବସାହି ପ୍ରାଥମିକ ବିଦ୍ୟାଳୟ, ପରେ ଲେଭୁଲ୍ ତିନିରେ ବାଣେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଛନ୍ତି। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ବବିତା ସିଂ, ଭାରତୀ ସେଠୀ, ସମାଜସେବୀ ଦେବାଶିଷ ଚକ୍ରବର୍ତ୍ତୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଛାତ୍ର ଅଭିଭାବକ ଏବଂ ଗ୍ରାମର ଭଦ୍ର ବ୍ୟକ୍ତିମାନେ ଉପସ୍ଥିତ ଥିଲେ।



# ସ୍ୱରସୁଧା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୪।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ(ଓଡ଼ିଶା ସରକାର) ଆନୁକୂଲ୍ୟରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଅନୁମୋଦନ କ୍ରମେ ସ୍ୱରସୁଧା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମର୍ଜିତ୍ ପ୍ରଧାନ ଗୀତ ଗୋବିନ୍ଦ ଛାନ୍ଦ ପରିବେଷଣ ହୋଇଥିଲା। ସ୍ୱରସୁଧାର କଣ୍ଠଶିଳ୍ପୀ ତଥା ବାଦ୍ୟ ଶିଳ୍ପୀଙ୍କ ଦ୍ୱାରା ଏକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁ ପ୍ରମୋଦ କୁମାର ପଣ୍ଡାଙ୍କ ମଞ୍ଚ ଆହ୍ୱାନରେ ଜ୍ଞାନବିକାଶ ସମୂହ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଲେଲିନ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ମୁଖ୍ୟବକ୍ତା ଭାବେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସାହୁ, ଅତିଥି ଭାବେ ଡ. ପଦ୍ମଲାଭ ପ୍ରଧାନ, ଓଷ୍ଟା ଜିଲ୍ଲା ସଭାପତି ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସ, ପ୍ରାକ୍ତନ ଶିକ୍ଷକ ଗଣେଶ ଚନ୍ଦ୍ର ପରିଡ଼ା,



ପ୍ରାକ୍ତନ ସେନାଧିକାରୀ ତାରାପଦ ମହାନ୍ତି, ବାଗୀଶ୍ୱରୀ ମହା ବିଦ୍ୟାଳୟର ଇଂରାଜୀ ଶିକ୍ଷକ କାର୍ତ୍ତିକେଶ୍ୱର ପାତ୍ର ଓ ଦେବବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ଞାନବିକାଶ ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ କଳାକାର ରବୀନ୍ଦ୍ର ନାଥ ବେହେରାଙ୍କୁ ଅତିଥି ମାନଙ୍କ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ତବଲା ଗୁରୁ ଓ ସଂଯୋଜକ ମହେଶ୍ୱର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ



ଖନ୍ତାପଡ଼ା, ୪।୩(ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗନ୍ଧୀଣା ଗାଁର ଭରତ ମହାନ୍ତିଙ୍କ ପୁତ୍ର ଅଜୟ ମହାନ୍ତି(୩୩)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଡାକ ନାମ ବାବୁ ଙ୍କ ର ହଠାତ୍ ଅକାଳ ମୃତ୍ୟୁ ରେ ସାରା ଗାଁ ରେ ଶୋକର ଛାୟା ଖେଳିଯାଇଛି। ଗତକାଲି ରାତିରେ ଅଜୟ ବାଲେଶ୍ୱରରୁ ଘରକୁ ଫେରୁଥିବା ସମୟରେ ବାହାନଗା ଭେନୁଷ କଲେଜ ନିକଟରେ ଅଜଣା ଗାଡ଼ି ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଜୟଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ୧୫ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୪।୩(ସମିସ): ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିକାଶ ମୂଳକ କାର୍ଯ୍ୟକ୍ରମକୁ ଜଳେଶ୍ୱର ସହରବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜଳେଶ୍ୱରର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ପରାମର୍ଶ କ୍ରମେ ଜଳେଶ୍ୱର ଟାଉନ ବିଜୁ ଜନତା ଦଳ ତରଫରୁ ୧୫ ନମ୍ବର ୱାର୍ଡ ନହଞ୍ଜରା ଗ୍ରାମରେ ରବିବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ବାବଦରେ ଘରେ ଘରେ ବାର୍ତ୍ତା ପହଞ୍ଚାଇବା ସହ ୨୦୨୪ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ପ୍ରତ୍ୟେକ ଘରେ ଶଙ୍ଖ ଚିହ୍ନ ଲଗାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେଡି ଦଳର ନେତା ଅମୁଲ୍ୟ କୁମାର ଦତ୍ତ, ରବୀନ କୁମାର ଭୂୟାଁ, ବିଜୟ କୁମାର ପରିଡ଼ା, ସମରେନ୍ଦ୍ର ପରିଡ଼ା, ସୁରେଶ ଚନ୍ଦ୍ର ଚନ୍ଦ, ହରିଶ ଚନ୍ଦ୍ର ଦତ୍ତ, ସୁଧୀର କୁମାର ସିଂ, ଅଜୟ କୁମାର ବ୍ରହ୍ମ, ସନାୟ ହେମ୍ବ୍ରମ, ହରି ନାରାୟଣ ପରିଡ଼ା, ନବୀନ କୁମାର ଭୂୟାଁ, ତପନ କୁମାର ପାଳ, କାର୍ତ୍ତିକ ଚନ୍ଦ୍ର ପରିଡ଼ା, ଅମରେନ୍ଦ୍ର ପରିଡ଼ା, ମନୋରଞ୍ଜନ ପ୍ରଧାନ, ଭାନୁ ପରିଡ଼ାଙ୍କ ସହ ଦଳର ବରିଷ୍ଠ ନେତୃ ମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦେଶ ପାଇଁ ମୋର ପ୍ରଥମ ମତଦାନ' କାର୍ଯ୍ୟକ୍ରମ




ଭୋଗରାଇ, ୪।୩(ସମିସ): ଭୋଗରାଇ ବ୍ଲକର ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ' ଦେଶପାଇଁ ମୋର ପ୍ରଥମ ମତଦାନ' କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ଖଟୁଆ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମତଦାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ ମତଦାନ ପ୍ରତ୍ୟେକ ନାଗରିକଙ୍କ ଏକ ମୌଳିକ ଅଧିକାର ବୋଲି ମତବ୍ୟକ୍ତ କରିଥିଲେ। ଉଚ୍ଚ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ସଂଯୋଜକ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ଯୋଗଦେଇ ସଠିକ ପ୍ରାର୍ଥୀ ଚୟନ ମାଧ୍ୟମରେ ଦେଶ ନିର୍ମାଣରେ ଅଂଶଗ୍ରହଣ କରିବା ପାଇଁ ନୂତନ ଭୋଟର ଭାବେ ପଞ୍ଜିକୃତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ପ୍ରଧାନ ଯୋଗ ଦେଇ ଅତୀତ ଏବଂ ବର୍ତ୍ତମାନ ସମୟର ମତଦାନ ଏବଂ ନିର୍ବାଚନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ପାତ୍ର ଯୋଗଦେଇ ମୁକ୍ତ, ଅବାଧ ଓ ନିରପେକ୍ଷ ମତଦାନ ଉପରେ ଆଲୋଚନା କରିଥିଲେ। ନୂତନ ଭୋଟର ଭାବେ ପଞ୍ଜିକୃତ ହୋଇଥିବା ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଅଞ୍ଚଳ ପରିକ୍ରମା କରିଥିଲେ। ଅଧ୍ୟାପିକା ଦୀପାଳି ମହାନ୍ତି, ଡେମ୍‌ନଷ୍ଟ୍ରେଟର ସଞ୍ଜୀବ କୁମାର ହାତୀ ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିର୍ବାଚନରେ ହିଂସା ଓ ଚୋରା କାରବାର ରୋକିବା ପାଇଁ ଆଲୋଚନା

ଜଳେଶ୍ୱର ବ୍ଲକ, ୪।୩(ସମିସ): ୨୦୨୪ ନିର୍ବାଚନରେ ହିଂସା ଏବଂ ଚୋରା କାରବାର ରୋକିବା ପାଇଁ ମାର୍ଚ୍ଚ ୧ ତାରିଖ ଦାନ୍ତୁନ ଥାନା ପରିସରରେ ଓଡ଼ିଶା ଓ ପଶ୍ଚିମବଙ୍ଗର ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଜଳେଶ୍ୱର ଓ ଭୋଗରାଇ ନିର୍ବାଚନ ମଣ୍ଡଳୀର ୮୨ ଟି ଗ୍ରାମ ପଶ୍ଚିମବଙ୍ଗ ସୀମାକୁ ଲାଗିଛି। ଉଭୟ ରାଜ୍ୟ ସୀମା ବିବାଦ ସମାଧାନ ମଧ୍ୟ ହୋଇ ନାହିଁ। ଚଳିତବର୍ଷ ସାଧାରଣ ନିର୍ବାଚନରେ କୌଣସି ପ୍ରକାର ହିଂସାତ୍ମକ ଘଟଣା ଓ ଚୋରା କାରବାର ନ ହୁଏ ସେଥିପାଇଁ ଉଭୟ ରାଜ୍ୟର ପ୍ରଶାସନ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କୌଣସି ରାଜ୍ୟରେ ଅପ୍ରିତିକର ଘଟଣା ଘଟିଲେ ଉଭୟ ରାଜ୍ୟର ପୁଲିସ ଓ ପ୍ରଶାସନ ସହଯୋଗ କରବେ ବୋଲି ମଧ ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଓଡ଼ିଶାର ଲୋକେ ଗଣ୍ଡଗୋଳ କରି ପଡ଼ୋଶୀ ପଶ୍ଚିମବଙ୍ଗରେ ଆଶ୍ରୟ ନେଉ ଥିଲେ ଓ ସେହିପରି ପଶ୍ଚିମ ବଙ୍ଗର ଲୋକେ ଗଣ୍ଡଗୋଳ କରି ଓଡ଼ିଶାରେ ଲୁଚି ରହୁ ଥିଲେ। ତାହାକୁ ଟିକିନିକି ନଜର ରଖିବା ପାଇଁ ଉଭୟ ଉଭୟଙ୍କୁ ସହଯୋଗ କରିବା ଓ ସଠିକ୍ ପଦକ୍ଷେପ ନିଆଯିବା ବୋଲି ଆଲୋଚନା ହୋଇ ଥିଲା। ଜଳେଶ୍ୱର ଓ ଭୋଗରାଇରେ ନିର୍ବାଚନମଣ୍ଡଳୀରେ ୧୦ ଟି ନାକା ପଏଣ୍ଟ କରାଯାଇଛି ବୋଲି ଏସଡିପିଓ ଦିଲ୍ଲୀପ କୁମାର ସାହୁ କହିଛନ୍ତି। ଉକ୍ତ ବୈଠକରେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁଙ୍କ ସହ ଆଇଆଇସି ରଞ୍ଜନ କୁମାର ସେଠୀ ଯୋଗ ଦେଇଥିଲେ।



# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ



ନୀଳଗିରି, ୪।୩(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ 'ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରାଯାଇଛି। ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ୧୬ ଟି ବ୍ଲକରୁ ୧୬ ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ, ପ୍ରଫେସର ଡ. ଭାସ୍କର ବେହେରାଙ୍କ ସମେତ ସହାୟକ ନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦଳର ଅଧିନାୟକଙ୍କୁ ଶୁଭେଚ୍ଛା ଜଣାଇ, ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାର ବାର୍ତ୍ତା ଦେଇଥିଲେ। ଗ୍ରାମୀଣସ୍ତରରେ ରହିଥିବା ଫୁଟବଲ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ, ଫୁଟବଲ ଖେଳକୁ ନିଜ ବୃତ୍ତି ଭାବରେ ଗ୍ରହଣ କରିବାକୁ ଇଚ୍ଛୁକ ଫୁଟବଲ ପ୍ରେମୀଙ୍କ ନିମନ୍ତେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି ବୋଲି ଡ. ଭାସ୍କର ବେହେରା ନିଜ ଉଦ୍‌ବୋଧନରେ ପ୍ରକାଶ କରିଥିଲେ। ନୀଳଗିରି, ବାଲେଶ୍ୱର ସଦର, ବାଲିଆପାଳ, ବସ୍ତା, ରେମୁଣା, ଜଳେଶ୍ୱର, ନୂଆପାଢ଼ୀ, ଓଉପଦା, ସିମୁଳିଆ, ସୋର, ଚତୁରିପଦା, ମଖାପଡ଼ା, ବାଲେଶ୍ୱର ମ୍ୟୁନିସପାଲିଟି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଫୁଟବଲ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ୮ ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯିବ। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନଙ୍କ ସହ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହିଥିଲେ।

### ସେବା ସମବାୟ ସମିତି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ସେବା ନପାଇ ଚାଷୀ, ଜମାକାରୀ ହନ୍ତସନ୍ତ

ଭୋଗରାଇ, ୪।୩(ସମିସ):



ଅଲ୍ ଓଡ଼ିଶା ପାକ୍ସ/ଲ୍ୟାମ୍ପସ୍ ଏମ୍ପ୍ଲୋଇଜ ଫେଡେରେସନ ଡାକରାରେ ସମଗ୍ର ରାଜ୍ୟରେ ସେବା ସମବାୟ ସମିତି ଅଧୀନସ୍ଥ କାର୍ଯ୍ୟରତ ସମ୍ପାଦକଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସମିତିର ସଦସ୍ୟ ଚାଷୀମାନଙ୍କୁ କୃଷି ଋଣଠାରୁ ଆରମ୍ଭ କରି ରାସାୟନିକ ସାର, କୀଟନାଶକ ଔଷଧ ଯୋଗାଣ ସମେତ ବିଭିନ୍ନ ସେବା ଓ ସୁବିଧା ଯୋଗାଇ ଦେଇଆସୁଥିବା ସେବା ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀମାନେ ଏପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛନ୍ତି। ପଞ୍ଚାୟତ ଓ ଗ୍ରାମୀଣ କ୍ଷେତ୍ରରେ କାର୍ଯ୍ୟକରୁଥିବା ସମସ୍ତ ବିଭାଗର କର୍ମଚାରୀମାନେ ସରକାରୀ ହିସାବରେ ଦରମା ପାଉଛନ୍ତି। ଅଥଚ ସେବା ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀମାନେ ସରକାରୀ କର୍ମଚାରୀ ନୁହନ୍ତି କି ସରକାରଙ୍କ ଠାରୁ ସିଧାସଳଖ ଦରମା ପାଉନାହାନ୍ତି। ଏଣୁ ଓଡ଼ିଶାର ସମସ୍ତ ସେବା ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀ ମାନେ ୩ ଦଫା ଦାବି ନେଇ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୨୭୦୮ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ କ୍ୟାଡରଭୁକ୍ତ କରି ବଦଳି ପ୍ରକ୍ରିୟା ଆରମ୍ଭ କରିବା, ଷଷ୍ଠବେତନ କମିଶନ ହାରରେ ପାଉଥିବା କର୍ମଚାରୀଙ୍କ ଡିଏ ୧୬୪ ପ୍ରତିଶତରୁ ୨୩୦ ପ୍ରତିଶତକୁ ତୁରନ୍ତ ବୃଦ୍ଧି କରିବା, ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ରେ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଏହି ଆନ୍ଦୋଳନ ଚାଲିଛି। ସମ୍ପାଦକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ସମସ୍ତ ୧୯ ଟି ସେବା ସମବାୟ ସମିତି ଏବେ ତାଲା ବନ୍ଦ ଅବସ୍ଥାରେ ରହିଛି। ରବି ଧାନ ଚାଷ ଚାଲିଥିବା ବେଳେ ବିଭିନ୍ନ ଆବଶ୍ୟକତା ପାଇଁ ଚାଷୀମାନେ ସମିତିକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଅନ୍ୟପକ୍ଷରେ ସମିତିରେ ଜମା ଖାତା ଖୋଲିଥିବା ସାଧାରଣ ଜମାକାରୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଟଙ୍କା ଜମା, ଟଙ୍କା ଉଠାଣ ଓ ଋଣ ପାଇବା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଚାଷୀ ଓ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ବେଳେ ଟୁଙ୍କୁରିହାଜିରା ସେବା ସମବାୟ ସମିତିରେ ଏହା ସର୍ବାଧିକ ହୋଇଛି। ଚାଷୀ ଓ ଜମାକାରୀମାନେ ଏହି ଆନ୍ଦୋଳନକୁ ସମର୍ଥନ କରିବା ସହିତ ସେମାନଙ୍କ ନ୍ୟାଯ୍ୟ ଦାବିଗୁଡ଼ିକ ତୁରନ୍ତ ପୂରଣ ପାଇଁ ସହଯୋଗ କରିବା ନିମନ୍ତେ ଟୁଙ୍କୁରିହାଜିରା ସେବା ସମବାୟ ସମିତି ଲିମିଟେଡର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ଭୋଗରାଇର ସମସ୍ତ ସେବା ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀମାନେ ଚାଷୀ ଓ ଜମାକାରୀଙ୍କୁ ନିବେଦନ କରିଛନ୍ତି।

